# Akashvani, Sambalpur

# SAMBALPURI NEWS BULLETIN

## 11 July 2024- 6.47- 6.52 am.

*********************************************

ହେରାପଂଚ୍‌ମୀ        ଆର୍‌ଏନ୍‌ୟୁ /ସମ୍ବଲପୁର

ଶ୍ରୀକ୍ଷେତ୍ର ପୁରୀର ଶ୍ରୀଗୁଣ୍ଡିଚା ମନ୍ଦିର୍ ନ ଆଏଜ୍ ହେରାପଂଚ୍‌ମୀ ନୀତି ପାଲନ୍ କରାଯିବା । ଜଗତ୍‌ଜନନୀ ମା ଲକ୍ଷ୍ମୀ ଆଡ଼ପ୍ ମଣ୍ଡପ୍ ନ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ୍ କର୍‌ବେ । ମହାପ୍ରଭୁ ଶ୍ରୀଜଗନ୍ନାଥ ଭାଇ ଭଉଣୀଙ୍କୁ ନେଇକରି ରଥ୍‌ଯାତ୍ରା କରିଥିବାର୍‌ନୁ ମା ଲକ୍ଷ୍ମୀ ଅଭିମାନ୍ କରିଛନ୍ । ସେଥିର୍‌ଲାଗି ଶରଧାବାଲି ନ ଶ୍ରୀଜଗନ୍ନାଥଙ୍କର୍ ନନ୍ଦିଘୋଷ ରଥ ଭାଙ୍ଗ୍‌ବେ । ଇତାର୍ ଉତ୍‌ରୁ ମା ହେରା ଗୌରୀ ସାହି ଦେଇକରି ଶ୍ରୀମନ୍ଦିର୍‌କେ ଫିର୍‌ବେ । ଶ୍ରୀଗୁଣ୍ଡିଚା ଯାତ୍ରାର ୫ ନମ୍ବର୍ ଦିନେ ହେରାପଂଚ୍‌ମୀ ନୀତି ପାଲନ୍ କର୍‌ବାର୍ ପରମ୍ପରା ରହିଛେ । ଇଥିର୍‌ଲାଗି ଶ୍ରୀମନ୍ଦିର୍ ପ୍ରଶାସନ୍ ତର୍‌ଫୁ ନୀତିନିର୍ଘଂଟ ପ୍ରସ୍ତୁତ୍ କରାଯାଇଛେ । ଆଏଜ୍ ରାତି ସାଢ଼େ ୯ ବଜେ ମହାଲକ୍ଷ୍ମୀ ରଥ୍ ପାଖେ ପାରମ୍ପରିକ ନୀତି ସାରିକରି ଜଗମୋହନ୍‌କେ ବିଜେ କର୍‌ବେ । ପଛେ ମହାଲକ୍ଷ୍ମୀଙ୍କୁ ଆଜ୍ଞାମାଳ

ଲାଗି ହେଇକରି ୯ ବାଜିକରି ୩୫ ମିନିଟ୍‌ଥି ସନ୍ଧ୍ୟାଧୂପ ଟେରା ପଡ଼୍‌ବା । ପଛେ ମଇଲମ, ଚନ୍ଦନଲାଗି ଆର୍ ବଡସିଂହାର ହେଇକରି ରାତି ୧ ବଜେ ପହୁଡ଼ ହେବାର୍‌କେ ନୀତି ନିର୍ଘଂଟ ହେଇଛେ ।

ପ୍ରଧାନ୍‌ମନ୍ତ୍ରୀ ଫସଲ୍ ବୀମା ଯୋଜ୍‌ନା ଆର୍‌ଏନ୍‌ୟୁ /ସମ୍ବଲପୁର

ରାଏଜେ ଖରିଫ୍ ଋତୁଥି ପ୍ରଧାନ୍‌ମନ୍ତ୍ରୀ ଫସଲ୍ ବୀମା ଯୋଜ୍‌ନା ଲାଗି ପଞ୍ଜିକରଣ୍ ମୁଲ୍ ହେଇଛେ । ପଞ୍ଜିକରଣ୍ ଇ ମାସର୍ ୩୧ ତାରିଖ୍‌ତକ୍ ଚାଲ୍‌ବା । ବିଜ୍ଞାପିତ ଅଂଚଲ୍ ନ ୮ ଟା ଫସଲ୍ ଲାଗି ବୀମା କରାଯାଇପାର୍‌ବା । ଧାନ୍, ମକା, ମୁଖ୍‌ଫଲି, ମଡ଼ିଆ, କପା, ରାହାଡ଼ି, ଅଦା ଆର୍ ହଲ୍‌ଦି ଲାଗି ଚାଷୀମାନେ ବୀମା କରିପାର୍‌ବେ । ପ୍ରାକୃତିକ ଦୁର୍ବିପାକ ଥି ଫସଲ୍ ଅମଲ୍‌ଥି ନୁକ୍‌ସାନ୍ ହେଲେ ବୀମା କରିଥିବା ଚାଷୀମାନେ କ୍ଷତିଭର୍‌ନା ପାଇପାର୍‌ବେ ।  ଝନେ ଚାଷୀ ସବୁନୁ ଅଏତ୍‌କା ୫ ଏକର୍ ଜମିତକ୍ ଚାଷ୍ ଜମିର୍ ପଞ୍ଜିକରଣ୍ ଲାଗି କେନ୍‌ସି ଦେୟ ଦେବାର୍‌କେ ନାଇଁ ପଡ଼େ ।  ଇ ବାବ୍‌ଦେ ଅଏତ୍‌କା ସୂଚ୍‌ନା ପାଏବାର୍ ଲାଗି ଚାଷୀମାନେ ପାଖେ ଥିବା କୃଷି ସମବାୟ

ସମିତି, ଜିଲ୍ଲା କୃଷି ଅଧିକାରୀ କି ସହକାରୀ କୃଷି ଅଧିକାରୀଙ୍କୁ ଯୋଗାଯୋଗ୍ କରିପାରବେ ।

ପିଏମ୍ ଗତିଶକ୍ତି ଯୋଜନା-୨ ନୂଆଁ ରେଲ୍‌ଲାଇନ୍

ଆର୍‌ଏନ୍‌ୟୁ /ସମ୍ବଲପୁର

ପିଏମ୍ ଗତିଶକ୍ତି ଯୋଜ୍‌ନାଥି ଅନୁଗୁଲ୍ ଜିଲ୍ଲାର୍ ବଲରାମ୍‌ପୁର୍‌ନୁ ତେନ୍ତୁଲେଇ ଆଉ ବୁଢ଼ାପଙ୍କନୁ ଲୁବୁରି ତକ୍ ୨ ଟା ରେଲ୍‌ଲାଇନ୍ ତିଆର୍ କରାଯିବା । ପିଏମ୍ ଗତିଶକ୍ତି ଅଧୀନ୍‌ଥି ଗଲାକାଏଲ୍ ନୂଆଦିଲ୍ଲୀ ନ ହେଇଥିବା ନେଟ୍‌ୱାର୍କି ପ୍ଲାନିଂ ଗ୍ରୁପ୍‌ର ୭୪ ନମ୍ବର୍ ବୈଠକ୍‌ଥି ଇ ନିଷ୍ପତି ନିଆଯାଇଛେ । ଇ ୨ ଟା ପ୍ରକଳ୍ପ ଲାଗି ୪ ହଜାର୍ ୮ ଶହ ୮୨ କୋଟି ଟଙ୍କା ଖର୍ଚ୍ଚା ହେବା । ଇ ରେଲ୍‌ଲାଇନ୍ କୁଇଲା ପରିବହନ୍‌କେ ସହଜ୍ କର୍‌ବା ବଲି ଜନାପଡ଼ିଛେ । ବଲ୍‌ରାମ୍‌ପୁର୍- ତେନ୍ତୁଲେଇ ନୂଆଁ ରେଲ୍‌ଲାଇନ୍‌ର ଦୂରତା ୪୯ ଦଶ୍‌ମିକ୍ ୫୮ କିଲୋମିଟର୍ ରହିଛେ । ଇ ରେଇଲାଇନ୍ ଅନୁଗୁଲ୍‌ର ୧୧ ଟା କୁଇଲା ବ୍ଲକ୍‌କେ ଜୁଡ଼୍‌ବା । ସେନ୍ତା ତିଆର୍ ହେବାର୍‌କେ ଥିବା ଶହେ ୬ କିଲୋମିଟର୍‌ର ବୁଢ଼ାପଙ୍କ- ଲୁବୁରି ନୂଆଁ ରେଲ୍‌ଲାଇନ୍ ତାଲ୍‌ଚେର୍‌ର କୁଇଲା କ୍ଷେତ୍ରନୁ ୨୧ ଟା କୁଇଲା ବ୍ଲକ୍‌କେ ସଂଯୋଗ୍ କର୍‌ବା ବଲି ସୂଚ୍‌ନା ମିଲିଛେ ।

ଡେଙ୍ଗୁ            ଆର୍‌ଏନ୍‌ୟୁ /ସମ୍ବଲପୁର

ରାଜ୍ୟର୍ ୨୬ ଟା ଜିଲ୍ଲା ନ ଜୁନ୍ ମାସର୍ ଶେଷ୍‌ତକ୍ ୪ ଶହ ୬୩ ଝନ୍ ଡେଙ୍ଗୁ ରୋଗୀଙ୍କୁ ଚିହ୍ନଟ୍ କରାଯାଇଛେ । ସ୍ୱାସ୍ଥ୍ୟ ବିଭାଗ୍‌ର ରିପୋର୍ଟ ଅନ୍‌ସାରେ ଖୋର୍ଦ୍ଧା ଜିଲ୍ଲା ନ ଶହେ ୨୫ ଝନ୍ ଡେଙ୍ଗୁ ରୋଗୀ ଥିବାର୍ ବେଲେ ସେ ଭିତ୍‌ରୁ ଭୁବ୍‌ନେଶ୍ୱର୍ ନ ୭୪ ଝନ୍ ରୋଗୀ ଅଛନ୍ । ମୁଖ୍ୟଶାସନ୍ ସଚିବଙ୍କର୍ ଅଧ୍ୟକ୍ଷତାଥି ଗଲାକାଏଲ୍ ଲୋକ୍‌ସେବା ଭବନ୍ ନ ହେଇଥିବାର୍ ଡେଙ୍ଗୁ ସମୀକ୍ଷା ବୈଠକ୍‌ଥି ଡେଙ୍ଗୁ ରୋଗ୍ ବାବ୍‌ଦେ ଇ ତଥ୍ୟ ଉପସ୍ଥାପନ୍ କରାଯାଇଥିଲା ।

ଛୁଆ-ଓଜନ୍, ଉଚ୍ଚତା ନିରୀକ୍ଷଣ୍ ତାଲିମ୍ କାର୍ଯ୍ୟକ୍ରମ

ଆର୍‌ଏନ୍‌ୟୁ /ସମ୍ବଲପୁର

ରାଜ୍ୟର୍ ସବୁ ଜିଲ୍ଲା ନ ମହିଳା ଆଉ ଶିଶୁ ବିକାଶ୍ ବିଭାଗ୍ ତର୍‌ଫୁ ଛୁଆମାନ୍‌କର୍ ଓଜନ୍ ଆର୍ ଉଚ୍ଚତା ନିରୀକ୍ଷଣେ ତାଲିମ୍ କାର୍ଯ୍ୟକ୍ରମ୍ ଚାଲିଛେ । ଇଟା ୧୯ ତାରିଖ୍‌ତକ୍ ଚାଲ୍‌ବା । ଛୁଆମାନ୍‌କର୍ ପୋଷଣ୍ କ୍ଷେତ୍ର ନ ଉନ୍ନତି ଆନ୍‌ବାର୍ ସହେତେ ଆହାର୍

କାର୍ଯ୍ୟକ୍ରମ୍, ଶିଶୁ ଆଉ ଛୋଟ୍ ଛୁଆଙ୍କୁ ଖାଦ୍ୟ ଦେବାର୍ ଆର୍ ପୋଷଣ ବାବ୍‌ଦେ ତାଲିମ୍ ଦିଆଯାଉଛେ । ଇ ତାଲିମ୍ କାର୍ଯ୍ୟକ୍ରମ୍‌ଥି ମହିଳା ଶିଶୁ ବିକାଶ୍ ବିଭାଗ୍‌ର ସବୁ ଜିଲ୍ଲା ପ୍ରକଳ୍ପ ଆଉ ସେକ୍ଟର୍ ସ୍ତରୀୟ କର୍ମକର୍ତାଙ୍କର୍ ସହେତେ ମିଶନ୍ ଶକ୍ତି ବିଭାଗ୍‌ର ଜିଲ୍ଲା ଆଉ ବ୍ଲକ୍‌ସ୍ତରୀୟ କର୍ମକର୍ତାଙ୍କୁ ମିଶେଇକରି ପାଖାପାଖି ୪ ହଜାର୍ ୮ ଶହ ୮ ଝନ୍‌କୁ ୬୫ ଟା ତାଲିମ୍ କାର୍ଯ୍ୟକ୍ରମ୍‌ଥି ତାଲିମ୍ ଦିଆଯିବା ।

ଆଇଏଏସ୍ ସ୍ତର୍‌ଥି ଅଦଲ୍‌ବଦଲ ଆର୍‌ଏନ୍‌ୟୁ /ସମ୍ବଲପୁର

ରାଜ୍ୟ ସର୍‌କାର୍ ଭାରତୀୟ ପ୍ରଶାସନିକ ସେବା-ଆଇଏଏସ୍ ଅଧିକାରୀ ସ୍ତର୍‌ଥି ଅଦଲ୍‌ବଦଲ୍ କରିଛନ୍ । କିଛି ଅଧିକାରୀଙ୍କୁ ଆଘର୍ ଦାୟିତ୍ୱ ସହେତେ ଅତିରିକ୍ତ ଦାୟିତ୍ୱ ଦିଆଯାଇଥିବାର୍ ବେଲେ ଆଉ କେତେ ଅଧିକାରୀଙ୍କୁ ନୂଆଁ ବିଭାଗ୍‌ର୍ ଦାୟିତ୍ୱ ମିଲିଛେ । ମୁଖ୍ୟମନ୍ତ୍ରୀଙ୍କର୍ ଅତିରିକ୍ତ ମୁଖ୍ୟ ସଚିବ ଥିବା ନିକୁଞ୍ଜ ବିହାରୀ ଧଳଙ୍କୁ ଇଡ୍‌କୋର ଅଧ୍ୟକ୍ଷ ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛେ । ସେନ୍ତା ରାଜ୍ୟପାଲ୍‌ଙ୍କର୍ ପ୍ରମୁଖ ସଚିବ ଆର ଓ.ଏସ୍.ଏସ୍.ଏସ୍.ସି. ଅଧ୍ୟକ୍ଷ ଶାଶ୍ୱତ୍ ମିଶ୍ରଙ୍କୁ ଅର୍ଥ ଆର୍ ଶକ୍ତି ବିଭାଗ୍‌କେ ବଦ୍‌ଲି କରାଯାଇଛେ ।

୩,୬ କ୍ଲାସ୍ ଛାତ୍ରଛାତ୍ରୀ- ନୂଆଁ ସିଲାବସ୍  ଆର୍ଏନ୍ୟୁ /ସମ୍ବଲପୁର

୨୦୨୪-୨୫ ଶିକ୍ଷା ବଛ୍ରେ କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ୍-ସିବିଏସ୍ଇ ପରିଚାଲିତ୍ ମାଧ୍ୟମିକ ଆଉ ଉଚ୍ଚମାଧ୍ୟମିକ ସ୍କୁଲ୍ମାନ୍କେ ୩ ଆର୍ ୬ କ୍ଲାସ୍ର ସିଲାବସ୍ ବଦଲ୍ବା । ଇଥିର୍ଲାଗି ଲାଗି ଏନ୍ସିଇଆର୍ଟି ତର୍ଫୁ ନୂଆଁ ବହି ବାହାରିଛେ । ସ୍କୁଲ୍ ଅଧ୍ୟକ୍ଷ ମାନେ ଇ ଛାତ୍ରଛାତ୍ରୀମାନ୍କର୍ ଲାଗି ନୂଆଁ ସିଲାବସ୍  ଆର୍ ବାକି କ୍ଲାସ୍ ଲାଗି ପୁର୍ନା ସିଲାବସ୍ଥି ପାଠ୍ ପଢ଼ାବାର୍କେ ସିବିଏସ୍ଇ ତର୍ଫୁ ନିର୍ଦ୍ଦେଶ୍ ଦିଆଯାଇଛେ ।

ବିଶ୍ୱ ଜନସଂଖ୍ୟା ଦିବସ          ଆର୍ଏନ୍ୟୁ /ସମ୍ବଲପୁର

ଆଏଜ୍ ବିଶ୍ୱ ଜନସଂଖ୍ୟା ଦିବସ୍ । ଲୋକ୍ସଂଖ୍ୟା ବଢୁଥିବାର୍ ସମସ୍ୟା ବାବ୍ଦେ ଲୁକ୍କୁ ସଚେତନ୍ କର୍ବାର୍ ଲାଗି ଇ ଦିବସ୍ ପାଳନ୍ କରାଯାଇଛେ । ଇତାର୍ସହେତେ ଲୋକ୍ସଂଖ୍ୟା ବଢ଼୍ବାର୍ଟା କେନ୍ତାକରି ଆୟତ୍ କରାଯାଇପାର୍ବା ସେ ବାବ୍ଦେ ପଦକ୍ଷେପ୍ ନେବାର୍ଟା ଇ ଦିବସ୍ର ବାର୍ତା ଆଏ । ଲୋକସଂଖ୍ୟା

ବଢ଼୍‌ବାର୍‌ନୁ ଅର୍ଥନୈତିକ୍ ବିକାଶ୍, ରୋଜ୍‌ଗାର୍ ସୁଯୋଗ୍, ପାଏନ୍, ଖାଦ୍ୟ, ଶକ୍ତି, ଜଲ୍‌ବାୟୁ ଉପ୍‌ରେ ପ୍ରତିକୂଳ ପ୍ରଭାବ୍ ପଡ଼ୁଛେ । ଇ ବାବ୍‌ଦେ ଲୋକ୍‌ମାନ୍‌କୁ ସଚେତନ୍ କର୍‌ବାର୍ ଲାଗି ଜାତିସଂଘ ତର୍‌ଫୁ ୧୯୯୦ ମସିହାନୁ ବିଶ୍ୱ ଜନସଂଖ୍ୟା ଦିବସ୍ ପାଲିତ୍ ହେଇ ଆସୁଛେ ।

ପି.ସି.ପି.ଏନ୍.ଡି.ଟି. ବୈଠକ୍ ବଲାଙ୍ଗିର୍ ସମ୍ବାଦଦାତା

ସୁବର୍ଣ୍ଣପୁର୍ ଜିଲ୍ଲାପାଲ୍‌ଙ୍କର୍ ସମ୍ମିଲନୀ କକ୍ଷ ନ ସ୍ୱାସ୍ଥ୍ୟ ବିଭାଗ୍‌ର ପି.ସି.ପି.ଏନ୍.ଡି.ଟି. ବୈଠକ୍ ହେଇଯାଇଛେ । ଅତିରିକ୍ତ ଜିଲ୍ଲାପାଲ୍ ଅଞ୍ଜଳିନା ପ୍ରଧାନ୍‌ଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ଇ ବୈଠକ୍‌ଥି ପି.ଏନ୍.ଡି.ଟି. ଆଇନ୍‌କେ କଡ଼ାକଡ଼ି ପାଲନ୍ କର୍‌ବାର୍ ଲାଗି ତଦାରଖ୍ କମିଟି ଜରିଏ ଅଲଟ୍ରାସାଉଣ୍ଡ୍ କେନ୍ଦ୍ରମାନ୍‌କର୍ ନିୟମିତ୍ ଯାଂଚ୍ କର୍‌ବାର୍ ଲାଗି ପରାମର୍ଶ ଦିଆଯାଇଥିଲା ।